# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**5 October– 2026**

## କଳିଙ୍ଗ ଷ୍ଟୁଡିଓ ନବୀକରଣ - ଉଦ୍‌ଘାଟନ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓର ନବୀକରଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହାର ଉଦ୍‌ଘାଟନ କରିବେ । ୧୬୪ କୋଟି ଟଙ୍କା ବ୍ୟୟରେ ଷ୍ଟୁଡିଓର ନବୀକରଣ କରାଯାଇଛି । ଏହାଦ୍ୱାରା ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହନ ମିଳିବା ସହ ରାଜ୍ୟ ବାହାରର ନିର୍ମାତାମାନେ ମଧ୍ୟ ଏଥିପ୍ରତି ଆକୃଷ୍ଟ ହେବେ । ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ମୁଖ୍ୟମନ୍ତ୍ରୀ-ମଦ ଦୋକାନ

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ଉଦ୍ୟମ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରାଜ୍ୟରେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଥିବା ଶ୍ରୀ ମାଝୀ କହିଛନ୍ତି । ଭୁବନେଶ୍ୱର ରେଳ ପେକ୍ଷାଳୟଠାରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ 'ଦ୍ୱିତୀୟ ପର୍ଯ୍ୟାୟ ଜୀବନ ଜିନ୍ଦାବାଦ୍'ରେ

ଯୋଗଦେଇ ମୁଖ୍ୟମନ୍ତ୍ରୀ ନିଶା ନିବାରଣ ଦିଗରେ ସରକାରଙ୍କ ଶୂନ୍ୟ ସହନଶଳୀତା ନୀତି ଉପରେ ଆଲୋକପାତ କରିଛନ୍ତି ।

**V/O**

'ନିଶାକୁ ନା, ଜୀବନକୁ ହଁ' ପ୍ରସଙ୍ଗ ଆଧାରରେ ଆୟୋଜିତ ଏହି ସମାରୋହରେ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା ।

---

# ମୁଖ୍ୟମନ୍ତ୍ରୀ-ଛାପା ଗଣମାଧ୍ୟମ

ସାଂପ୍ରତିକ ପରିବର୍ତ୍ତିତ ସମାଜରେ ଛାପା ଗଣମାଧ୍ୟମର ବିଶ୍ୱସନୀୟତା ବଳବତ୍ତର ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ' ସରକାରଙ୍କ କଲ୍ୟାଣକାରୀ ଯୋଜନା ସଂପର୍କିତ ତଥ୍ୟ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଛାପା ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଭାଷା, ସଂସ୍କୃତି ଏବଂ ଐତିହ୍ୟକୁ ଭବିଷ୍ୟତ ପିଢ଼ି ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଛନ୍ତି ।

---

# ଟ୍ରାଭେଲ୍ ବଜାର-ଉପମୁଖ୍ୟମନ୍ତ୍ରୀ

ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ 'ସଶକ୍ତ ନୀତି ପ୍ରସ୍ତୁତି ଓ ସହଯୋଗ' ଶୀର୍ଷକ ଉଚ୍ଚସ୍ତରୀୟ ବୈଠକ ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଅବସରରେ ଓଡ଼ିଶା ଏମ୍ଆଇସିଇ ଇନ୍ସେଣ୍ଟିଭ୍ ପୋର୍ଟାଲ୍ର ଶୁଭାରମ୍ଭ କରିଛନ୍ତି । ପର୍ଯ୍ୟଟନର ବିକାଶ ପାଇଁ ସରକାର ଗ୍ରହଣ କରୁଥିବା

ପଦକ୍ଷେପ ଗୁଡ଼ିକ ଉପରେ ଶ୍ରୀମତୀ ପରିଡ଼ା ଆଲୋକପାତ କରିଛନ୍ତି । ପର୍ଯ୍ୟଟନ ବିଭାଗ ଏବଂ ଫିକି ର ମିଳିତ ସହଯୋଗରେ ଓଡ଼ିଶା ଟ୍ରାଭେଲ୍ ବଜାର-୨୦୨୬ର ଅଂଶସ୍ୱରୂପ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

---

## ଉପମୁଖ୍ୟମନ୍ତ୍ରୀ

ରାଜ୍ୟରେ ଶିକ୍ଷାର ବିକାଶ ଦିଗରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ଇଂରାଜୀ ବିଦ୍ୟାଳୟର ୧୨୫ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେଇ ଶ୍ରୀ ସିଂହଦେଓ ବିଦ୍ୟାଳୟର ୧୨୫ବର୍ଷର ଯାତ୍ରା ଉପରେ ଆଲୋକପାତ କରିଛନ୍ତି । କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିଦ୍ୟାଳୟର ଉନ୍ନତି ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ ପୁରାତନ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

---

## ବାଜି ରାଉତ ଜୟନ୍ତୀ

ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଏହି ଅବସରରେ ଢେଙ୍କାନାଳ ଜିଲ୍ଲାସ୍ଥିତ ନୀଳକଣ୍ଠପୁର ଶହୀଦ ବାଜିରାଉତଙ୍କ ଜନ୍ମସ୍ଥଳୀ

ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଭାରତ ଇତିହାସରେ ସର୍ବକନିଷ୍ଠ ସହିଦ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ସହିଦ ବାଜିରାଉତ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବାଜିରାଉତ ମାତ୍ର ୧୨ ବର୍ଷ ବୟସରେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶ ମାତୃକା ପାଇଁ ନିଜ ଜୀବନର ବଳିଦାନ ଦେଇଥିଲେ।

---

# ଗଣେଶ-ଭସାଣି

କଟକ ସହରରେ ଗତକାଲି ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ପର୍ଯ୍ୟାୟରେ ୨୮୭ରୁ ଅଧିକ ପ୍ରତିମା ବିସର୍ଜିତ ହୋଇଛି । ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ଭସାଣି ଉତ୍ସବ ଆସନ୍ତା ୧୧ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ।

---

# ସେବା ସଂକଳ୍ପ ଅଭିଯାନ

ସେବା ସଂକଳ୍ପ ଅଭିଯାନ ଅଧୀନରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଗତକାଲି ପାଳିତ ହୋଇଯାଇଛି । ଏହି ଅବସରରେ ଖାଦ୍ୟ ପ୍ରଦର୍ଶନୀ ଓ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପୁଷ୍ଟିକର ଖାଦ୍ୟ ଗ୍ରହଣ, ଶିଶୁଙ୍କ ଯତ୍ନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା ।

---

# ବିଶ୍ୱ ଶିକ୍ଷକ ଦିବସ

ସମାଜ ପ୍ରତି ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ମନେପକାଇ ଆଜି ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଉଛି । ୧୯୯୪ ମସିହାରୁ ଅକ୍ଟୋବର ୫ ତାରିଖକୁ ପ୍ରତିବର୍ଷ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ଘୋଷଣା କରାଯାଇଥିଲା । ଚଳିତବର୍ଷ **ଶିକ୍ଷକଙ୍କ ସହିତ ସହଯୋଗ:୬୦ବର୍ଷର ବୃତ୍ତିଗତ ଜୀବନର ସୁରକ୍ଷା-ଆମ ଭବିଷ୍ୟତ ଗଠନ** ଏହି ଦିବସର ବାର୍ତ୍ତା ରହିଛି ।